ପ୍ରଗତିବାଦୀ
PRAGATIVADI
578 × 180

05th Dec, 2020

# ଆଇଆଇଟିର ୯ମ ସମାବର୍ତ୍ତନ ଉତ୍ସବ

• ଜଟଣୀ, ପିଏନଏସ




ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ହେଲେ ଆଗକୁ ଆସୁଥିବା ବୃହତ୍ ଆହ୍ୱାନପୂର୍ଣ୍ଣ ସମୟକୁ ସମ୍ମୁଖୀନ ହେବାକୁ ପଡିବ। ଏଥିପାଇଁ କଠିନ ଅଧ୍ୟବସାୟ ଓ ପରିଶ୍ରମ କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡ.ରମେଶ ପୋଖରୀଆଲ ନିଶଙ୍କ ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେବା ସହ ପରାମର୍ଶ ଦେଇଛନ୍ତି। ଜଟଣୀସ୍ଥିତ ଆଇଆଇଟିର ଶୁକ୍ରବାର ଅନୁଷ୍ଠିତ ନବମ ସମାବର୍ତ୍ତନ ଉତ୍ସବରେ ପୋଖରୀଆଲ ମୁଖ୍ୟଅତିଥି ଭାବେ ଭିଡିଓ କନଫରେନ୍ସ ଦ୍ୱାରା ଯୋଗଦେଇ ଏହା କହିଥିଲେ। ଜୀବନରେ ପାଇଥିବା ସଫଳତା ପଛରେ ଯେଉଁ ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାକୁ ମନେରଖିବାକୁ କହିଥିଲେ। ଆଇଆଇଟି ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଚେୟାରମ୍ୟାନ ଡକ୍ଟର ରାଜେନ୍ଦ୍ର ପ୍ରସାଦ ସିଂ ଅନଲାଇନ ମାଧ୍ୟମରେ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ଏଥିରେ କେନ୍ଦ୍ର ଶିକ୍ଷା ରାଜ୍ୟମନ୍ତ୍ରୀ ସଂଜୟ ଧୋତ୍ରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଭାରତ ସରକାରଙ୍କର ଆତ୍ମନିର୍ଭର ଭାରତ ଅଭିଯାନ ଦେଶ ମଧ୍ୟରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଆତ୍ମ ନିର୍ଭରଶୀଳ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆରଭି ରାଜାକୁମାର ରିପୋର୍ଟ ପାଠ କରି ଦେଶ ବିଦେଶରେ ଏହି ଶିକ୍ଷାନୁଷ୍ଠାନ ଅର୍ଜନ କରିଥିବା କୃତି ଉପରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ।

ଏହି ଉତ୍ସବରେ ବିଟେକର କମ୍ପ୍ୟୁଟର ସାଇନ୍ସ ଓ ଇଂଜିନିୟରିଂ ଛାତ୍ର ଆଦିତ୍ୟ ପାଲଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ ସହ ଇନିଷ୍ଟିଚ୍ୟୁଟ ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ସେହିପରି ଏମଟେକର ସଂକେତ ଦେ ଚୌଧୁରୀ ଓ ଏମଏସସିର ସୌଭିକ୍ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶକ ସ୍ୱର୍ଣ୍ଣପଦକ ସହ ଇନିଷ୍ଟିଚ୍ୟୁଟ ରୌପ୍ୟପଦକ ଅର୍ପଣ କରାଯାଇଥିଲା। ବିଟେକର ଅରବିନ୍ଦ ଟିକେଆର୍, ଅଭିଶେଖ ମିଶ୍ର, ଅମନ ସିଂଘାଲ,ମନପୁରମ୍ ଜ୍ୟୋତି ଭେଙ୍କଟସାଇ ଆଦିତ୍ୟ ଓ ସୁଭଜିତ ମଣ୍ଡଳଙ୍କୁ ଇନିଷ୍ଟିଚ୍ୟୁଟ ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ସେହିପରି ଏମଟେକର ଦୁସାନେ ଆଜିଙ୍କ୍ୟ ରାଜେନ୍ଦ୍ର, ପ୍ରିୟବ୍ରତ ଦାସ, ଅନୁପ କୁମାର ଯାଦବ, ଗୌରବ ଭଟ୍ଟାଚାର୍ଯ୍ୟ, ଖାଦକେ ଲିନା ସଂଜୟ ଓ ଦେବଜିତ ରାନାଙ୍କୁ ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ଏମଏସି ବ୍ୟାଚରେ ଅଧାଇନା ସୁସାନ ଜେମ୍ସ, ଦେବବ୍ରତ ମଣ୍ଡଳ, ସୁଦେଷ୍ଣା ଗୋସ୍ୱାମୀ ଓ ଅର୍କପ୍ରଭା ରାୟ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ଷ୍ଟୁଡେଣ୍ଟ ଆକ୍ଟିଭିଟିଜ୍ ସେଣ୍ଟର, ଖେଳପଡ଼ିଆ, ସ୍କୁଲ ଅଫ୍ ହ୍ୟୁମାନିଟିଜ ବିଲ୍ଡିଂ ମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା।